# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 28 Morning – 2024

---

# ଲୋକସଭା ନିର୍ବାଚନ ଦ୍ୱିତୀୟ ପର୍ଯ୍ୟାୟ - ବିଜ୍ଞପ୍ତି

ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଆଜିଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ । ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୮ଟି ଆସନ ନିମନ୍ତେ ଏପ୍ରିଲ ୨୬ ତାରିଖରେ ଭୋଟ ଗ୍ରହଣ ହେବ । ଏହି ପର୍ଯ୍ୟାୟରେ ଆସାମ, ବିହାର, ଛତିଶଗଡ, ଜମ୍ମୁ କଶ୍ମୀର, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ରାଜସ୍ଥାନ, ତ୍ରିପୁରା, ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗ ବ୍ୟତୀତ ମଣିପୁରର ଗୋଟିଏ ଆସନ ରହିଛି ।

ଅନ୍ୟପକ୍ଷରେ ପ୍ରଥମ ପର୍ଯ୍ୟାୟ ନାମାଙ୍କନ ପତ୍ର ଦାଖଲର ଗତକାଲି ଶେଷ ଦିନ ଥିଲା । ଏହି ପର୍ଯ୍ୟାୟରେ ୧୭ଟି ରାଜ୍ୟ ଓ ୪ଟି କେନ୍ଦ୍ରଶାସିତ ଅଞ୍ଚଳର ୧୦୨ଟି ଲୋକସଭା ଆସନପାଇଁ ଆସନ୍ତା ମାସ ୧୯ ତାରିଖରେ ଭୋଟ୍ ଗ୍ରହଣ କରାଯିବ ।

# ସମନ୍ୱୟ ବୈଠକ

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟସ୍ତରୀୟ ପ୍ରବର୍ତ୍ତନ କମିଟିର ଏକ ସମନ୍ୱୟ ବୈଠକ ଗତକାଲି ଭୁବନେଶ୍ୱର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିର୍ବାଚନ

ଆଦର୍ଶ ଆଚରଣ ବିଧିକୁ କଡାକଡି ପାଳନ କରାଯିବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଆଇନ୍ ଖିଲାପକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ବ୍ୟବସ୍ଥାରେ ରହିଥିବା ଯାଞ୍ଚ ଓ ଚଢ଼ଉ ଉପରେ ଶ୍ରୀ ଜେନା ଗୁରୁତ୍ୱାରୋପ କରିଥିଲେ । ଆନ୍ତଃ-ରାଜ୍ୟ ସୀମାରେ ପୋଲିସ ଚେକ୍‌ପୋଷ୍ଟ, ଅବକାରୀ ଚେକ୍‌ପୋଷ୍ଟ, ଜଙ୍ଗଲବିଭାଗ ଚେକ୍‌ପୋଷ୍ଟ ଭଳି ସ୍ଥାନଗୁଡ଼ିକରେ କଡ଼ା ନଜର ରଖିବା ସହିତ ବେଆଇନ୍ ନଗଦ ଟଙ୍କା କାରବାର ଉପରେ ଦୃଷ୍ଟି ରଖିବାମପାଇଁ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ ।

# ପିଏମ୍‌ଶ୍ରୀ ସ୍କୁଲ ଯୋଜନା

ରାଜ୍ୟର ସରକାରୀ ସ୍କୁଲ ମାନଙ୍କରେ ପିଏମ୍‌ଶ୍ରୀ ସ୍କୁଲ ଯୋଜନା ଲାଗୁ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ମିଳିଥିବା ସୂଚନା ଅନୁସାରେ ଶିକ୍ଷା ମନ୍ତ୍ରଣାଳୟ ସହିତ ରାଜ୍ୟ ସରକାର ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବେ । ଗଣଶିକ୍ଷା ବିଭାଗ ପକ୍ଷରୁ ବୁଝାମଣା ସ୍ୱାକ୍ଷରିତ ହେବା ପରେ ଚଳିତ ଶିକ୍ଷାବର୍ଷରୁ ରାଜ୍ୟର ସ୍କୁଲ ମାନଙ୍କରେ ପିଏମ୍‌ଶ୍ରୀ ସ୍କୁଲ ଯୋଜନା ଲାଗୁ କରାଯିବ ।

# ଆର୍ଥିକ ନିବେଶ ହାର

୨୦୨୬-୨୭ ମସିହା ସୁଦ୍ଧା ଦେଶର ନିବେଶ ହାର ମୋଟ୍ ଘରୋଇ ଉତ୍ପାଦ-ଜିଡିପି ବୃଦ୍ଧି ପାଇ ୩୬ ଦଶମକ ୨ ପ୍ରତିଶତରେ ପହଞ୍ଚିବ ବୋଲି ଆର୍ନ୍ତଜାତୀୟ ସଂସ୍ଥା ମୋର୍ଗାନ ଷ୍ଟାନିଲ ରିପୋର୍ଟରେ କହିଛି । ଗତ ଆର୍ଥିକ

ବର୍ଷ ୨୦୨୨-୨୩ରେ ଦେଶର ନିବେଶ ହାର ମୋଟ୍ ଘରୋଇ ଉତ୍ପାଦ ୩୨ ଦଶମିକ ୨ ପ୍ରତିଶତ ଥିଲା । ପୁଞ୍ଜିଗତ ବ୍ୟୟ ଉପରେ ସରକାରୀ ସ୍ତରରେ ପଦକ୍ଷେପ ନିଆଯାଉଥିବାରୁ ମହାମାରୀ ପରେ ଆର୍ଥିକ ସୁଧାର ଆଣିବାରେ ଭାରତ ସକ୍ଷମ ହୋଇଛି ବୋଲି କୁହାଯାଇଛି । ଚଳିତବର୍ଷ ବଜେଟ୍‌ରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବ୍ୟୟ ୧୧ପ୍ରତିଶତ ବୃଦ୍ଧି କରି ୧୧ଲକ୍ଷ ୧୧କୋଟି ଟଙ୍କା କରିବାକୁ ପ୍ରସ୍ତାବ ରଖାଯାଇଛି ।

## ପି.ଆଇ.ବି. ସୁବିଧା ପୋର୍ଟାଲ୍

ସାଧାରଣ ନିର୍ବାଚନରେ ଗଣମାଧ୍ୟମ ପ୍ରତିନିଧିଙ୍କ ସୁବିଧା ପାଇଁ ପତ୍ର ସୂଚନା କାର୍ଯ୍ୟାଳୟ ପକ୍ଷରୁ 'ସୁବିଧା' ପୋର୍ଟାଲ୍‌ର ଶୁଭାରମ୍ଭ କରାଯାଇଛି । ଗଣମାଧ୍ୟମ ପ୍ରତିନିଧିମାନେ ପୋର୍ଟାଲ୍ ଉପଲବ୍ଧ ସୂଚନାକୁ ସେମାନଙ୍କ ଲେଖାରେ ବ୍ୟବହାର କରିପାରିବେ । ଜାତୀୟ ଏବଂ ରାଜ୍ୟସ୍ତରୀୟ ନିର୍ବାଚନ ଅଧିକାରୀଙ୍କ ବିଷୟରେ ସୂଚନା ଏବଂ ଯୋଗାଯୋଗ କରିବାପାଇଁ ଏହି ପୋର୍ଟାଲ୍‌ରେ ତଥ୍ୟ ଉପଲବ୍ଧ ହେଉଛି । ଏହାବ୍ୟତୀତ ଗଣମାଧ୍ୟମ ପ୍ରତିନିଧିମାନଙ୍କପାଇଁ ଭାରତର ନିର୍ବାଚନ କମିଶନ୍‌ଙ୍କ ନିର୍ଦ୍ଦେଶାବଳୀ ଏବଂ ଏ ସମ୍ପର୍କିତ ସଦ୍ୟତମ ସୂଚନା ସୁବିଧା ପୋର୍ଟାଲ୍‌ରେ ଉପଲବ୍ଧ ହେଉଛି ।

## ଫ୍ଲାଗମାର୍ଚ୍ଚ

ଆସନ୍ତା ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳା ସହ ଶେଷ କରିବା ପାଇଁ ନବରଙ୍ଗପୁର ଜିଲ୍ଲାର ପାପଡାହାଣ୍ଡି ଓ ମଇଦଲପୁରରେ ପୋଲିସ ଓ ସିଆର୍‌ପିଏଫ୍ ଜବାନମାନେ ମିଳିତ ଫ୍ଲାଗମାର୍ଚ୍ଚ କରିଛନ୍ତି । ଆସନ୍ତା ମଇ ମାସ ୧୩ତାରିଖରେ ହେବାକୁ ଥିବା ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ

ଶାନ୍ତିଶୃଙ୍ଖଳା ରକ୍ଷା ଓ ଅପରାଧ ନିୟନ୍ତ୍ରଣ କରିବା ଲକ୍ଷ୍ୟରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଛି ।

## ପୋଲିସ ଅଧିକାରୀଙ୍କ ଡାକ୍ତରୀ ପରୀକ୍ଷା

ବାଲେଶ୍ୱର ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗଠିତ ମେଡିକାଲ ବୋର୍ଡ ଦ୍ୱାରା ୩୬୬ଜଣ ପୋଲିଂ ଅଧିକାରୀଙ୍କ ଡାକ୍ତରୀ ପରୀକ୍ଷା କରାଯିବ । ଅଧିକାରୀଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ଡାକ୍ତରୀ ପରୀକ୍ଷା କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ପାଣିପାଗ

ପାଗ ଶୁଖିଲା ରହୁଥିବାରୁ ଚଳିତମାସ ଶେଷ ପର୍ଯ୍ୟନ୍ତ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଏହି ସମୟ ମଧ୍ୟରେ କାଳବୈଶାଖୀର ସମ୍ଭାବନା ଥିବାରୁ ରାଜ୍ୟର କେତେକ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଜିଲ୍ଲାରେ ଆଜି କାଳବୈଶାଖୀର ସମ୍ଭାବନା ଅଛି । ବୌଦ୍ଧରେ ଗତକାଲି ସର୍ବାଧିକ ତାପମାତ୍ରା ୩୮ ଦଶମିକ ୫ ଡିଗ୍ରୀ ସେଲସିୟସ ଥିଲା । ଅନ୍ୟପକ୍ଷରେ ନୟାଗଡ, ମାଲକାନଗିରି, ଭବାନୀପାଟଣା, ବଲାଙ୍ଗୀରର ତାପମାତ୍ରା ୩୮ଡିଗ୍ରୀ ସେଲସିୟସ ଥିଲା ।